# NATIONAL NEWS BULLETIN (ODIA)

## 10 March - 2026

## Evening Bulletin : 7.15 p.m.

*********************************

## ମୁଖ୍ୟ ସମ୍ବାଦ

- ଜଳଜୀବନ ମିଶନ୍‌କୁ ୨୦୨୮ ମସିହା ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିବାକୁ କେନ୍ଦ୍ର କ୍ୟାବିନେଟ୍‌ର ମଞ୍ଜୁରୀ ।
- କେରଳମ୍ ଏବଂ ତାମିଲନାଡୁର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମକୁ ଆସନ୍ତାକାଲି ଭିତ୍ତିପ୍ରସ୍ତର ଓ ଉଦ୍‌ଘାଟନ କରିବେ ପ୍ରଧାନମନ୍ତ୍ରୀ ।
- ଖାଉଟିଙ୍କ ବ୍ୟବହାର ପାଇଁ ଦେଶରେ ଭରପୁର ଶକ୍ତି ମହଜୁଦ ଅଛି, ସୂଚନା ଦେଲେ ପେଟ୍ରୋଲିୟମ୍ ମନ୍ତ୍ରୀ ।
- ଭୋଟରମାନେ ନିର୍ଭୟରେ ମତଦାନ କରିବା ନେଇ ସୁନିଶ୍ଚିତ କଲେ ଭାରତର ନିର୍ବାଚନ କମିଶନ ।

ଏବଂ

- ବାସେଲ୍‌ଠାରେ ଆଜିଠାରୁ ସୁଇସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ।

# କ୍ୟାବିନେଟ୍

ଜଳଜୀବନ ମିଶନ୍‌କୁ ୨୦୨୮ ମସିହା ଡିସେମ୍ବର ମାସ ପର୍ଯ୍ୟନ୍ତ ପରିବର୍ଦ୍ଧିତ କରିବା ଲାଗି କେନ୍ଦ୍ର କ୍ୟାବିନେଟ୍ ଆଜି ଅନୁମୋଦନ କରିଛି । ନୂଆଦିଲ୍ଲୀରେ ଗଣମାଧ୍ୟମକୁ ସୂଚନା ଦେଇ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ପୁନର୍ଗଠନ ଏବଂ ପୁନର୍ଜାଗରଣ ନେଇ ଜଳଶକ୍ତି ମନ୍ତ୍ରଣାଳୟର ପ୍ରସ୍ତାବ ଅନୁମୋଦିତ ହୋଇଛି । ଜଳଜୀବନ ମିଶନ୍‌ର ପୁନର୍ଗଠନ ନେଇ କେନ୍ଦ୍ର ମନ୍ତ୍ରିମଣ୍ଡଳରେ ହୋଇଥିବା ଆଲୋଚନାରେ ୩ ଦଶମିକ୍ ୫/୯ ଲକ୍ଷ କୋଟି କେନ୍ଦ୍ରୀୟ ସହାୟତା ସହ ୮ ଦଶମିକ୍ ୬/୯ ଲକ୍ଷ କୋଟି ଟଙ୍କା ଏହି କାର୍ଯ୍ୟକ୍ରମରେ ବିନିଯୋଗ କରାଯିବା ପ୍ରସ୍ତାବକୁ ଅନୁମୋଦନ କରାଯାଇଛି । କେନ୍ଦ୍ର ସରକାରଙ୍କ ଦ୍ୱାରା ଏକକ ଜାତୀୟ ଡିଜିଟାଲ୍ ଫ୍ରେମ୍‌ୱାର୍କ 'ସୁଜଳମ୍ ଭାରତ' ଆରମ୍ଭ କରାଯାଇ ପ୍ରତ୍ୟେକ ଗ୍ରାମକୁ ସୁଜଳ ଗାଁ / ସର୍ଭିସ୍ ଏରିଆ ଆଇ.ଡି. ଦିଆଯିବ । ଏହାଦ୍ୱାରା ସମ୍ପୂର୍ଣ୍ଣ ପାନୀୟ ଜଳଯୋଗାଣ ବ୍ୟବସ୍ଥାକୁ ଡିଜିଟାଇଜେସନ୍ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇପାରିବ **।VO-**

କେନ୍ଦ୍ର କ୍ୟାବିନେଟ୍‌ରେ ମଧ୍ୟ ତାମିଲନାଡୁର ମଦୁରାଇ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦର ଘୋଷଣା କରାଯିବା ପ୍ରସ୍ତାବ

ଅନୁମୋଦିତ ହୋଇଛି । ମନ୍ଦିର ନଗରୀ ମଦୁରାଇ ଠାରେ ମଦୁରାଇ ବିମାନ ବନ୍ଦର ରହିଛି । ଯାହାକି ରାଜ୍ୟର ସର୍ବପୁରାତନ ବିମାନ ବନ୍ଦର । ଏହା ଦକ୍ଷିଣ ତାମିଲନାଡୁ ପାଇଁ ଗେଟ୍‌ୱେ ସଦୃଶ । ଏହା ପର୍ଯ୍ୟଟନ ଏବଂ ତୀର୍ଥଯାତ୍ରୀମାନଙ୍କ ଯାତ୍ରା କ୍ଷେତ୍ରରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ମଦୁରାଇ ବିମାନ ବନ୍ଦରକୁ ଆନ୍ତର୍ଜାତିକ ବିମାନ ବନ୍ଦରର ମାନ୍ୟତା ପ୍ରଦାନ ଦ୍ୱାରା ସେହି ଅଞ୍ଚଳର ଆଞ୍ଚଳିକ ଯୋଗାଯୋଗ ବ୍ୟବସ୍ଥା, ବାଣିଜ୍ୟ କାରବାର ଏବଂ ଅର୍ଥନୈତିକ ବିକାଶ ତ୍ୱରାନ୍ୱିତ ହୋଇପାରିବ ।

ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍ ବୈଠକରେ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ୍ ହାଇୱେର ଦିଲ୍ଲୀ-ଫରିଦାବାଦ୍-ବଲ୍ଲଭଗଡ଼-ସୋନାସପୁରରୁ ଜେୱାର୍ ଇଣ୍ଟରନ୍ୟାସନାଲ୍ ଏୟାର୍‌ପୋର୍ଟ୍ ପର୍ଯ୍ୟନ୍ତ ଗ୍ରୀନ୍‌ଫିଲ୍ଡ ସଂଯୋଗୀକରଣ ନିର୍ମାଣ କାର୍ଯ୍ୟ ନିମନ୍ତେ ସଂଶୋଧିତ ସମୁଦାୟ ୩୬୩୦.୭୭ କୋଟି ଟଙ୍କା ଅର୍ଥ ଅନୁମୋଦିତ ହୋଇଛି **।VO-**

କ୍ୟାବିନେଟ୍‌ରେ ମଧ୍ୟ ଜାତୀୟ ରାଜପଥ ୭୫୨-ଡି’ ଅନ୍ତର୍ଗତ ବଦନାୱର-ପେଥୱାର୍ଡ଼-ଥାଣ୍ଡଲା-ତିମାରୱାନି ସେକ୍‌ସନ୍‌କୁ ୪ ଲେନ୍ ବିଶିଷ୍ଟ କରିଡ଼ର ବିକାଶ ନିମନ୍ତେ ଅନୁମୋଦନ କରାଯାଇଛି । ୮୦ ଦଶମିକ୍ ୪/୫ କିଲୋମିଟର ଦୈର୍ଘ୍ୟ ବିଶିଷ୍ଟ ଏହି କରିଡ଼ର ନିର୍ମାଣ ନିମନ୍ତେ ସମୁଦାୟ ୩,୮୩୯ କୋଟି ୪୨ ଲକ୍ଷ ଟଙ୍କା ବ୍ୟୟ କରାଯିବ ।

ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କେନ୍ଦ୍ର କ୍ୟାବିନେଟ୍‌ରେ ରେଳ ମନ୍ତ୍ରଣାଳୟର ୪ ହଜାର ୪୭୪ କୋଟି ଟଙ୍କା ମୂଲ୍ୟର ଦୁଇଟି ପ୍ରକଳ୍ପ ଅନୁମୋଦିତ ହୋଇଛି । ଏହି ପ୍ରକଳ୍ପ ମଧ୍ୟରେ ସୈନ୍ଥିଆ-ପାକୁର ଚତୁର୍ଥ ଲାଇନ୍ ଏବଂ ସାନ୍ତ୍ରାଗାଛି-ଖଡ଼ଗପୁର ଚତୁର୍ଥ ଲାଇନ୍ ରହିଛି ।

# ପିଏମ୍-ଭିଜିଟ୍

ପ୍ରଧାନମନ୍ତ୍ରୀ ତଥା ବିଜେପିର ବରିଷ୍ଠ ନେତା ନରେନ୍ଦ୍ର ମୋଦୀ କହିଛନ୍ତି, ଆସନ୍ତାକାଲି କେରଳମ୍‌ର ଏର୍ଣ୍ଣାକୁଲମ୍ ଏବଂ ତାମିଲନାଡୁର ତିରୁଚିରାପଲ୍ଲିଠାରେ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେବେ । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶ୍ରୀ ମୋଦୀ କହିଛନ୍ତି, ସେ କେରଳମ୍ ଠାରେ ଅଖିଳ କେରଳ ଧିବର ସଭାର ସ୍ୱର୍ଣ୍ଣ ଜୟନ୍ତୀ ସମାରୋହରେ ଯୋଗଦେବେ । ଏହି ସଭା ମତ୍ସ୍ୟଜୀବୀଙ୍କ କଲ୍ୟାଣ ନିମନ୍ତେ କାର୍ଯ୍ୟ କରିଥାଏ । ରାଜ୍ୟର ବିଭିନ୍ନ ବିକାଶ ମୂଳକ କାର୍ଯ୍ୟକ୍ରମର ସେ ଉଦ୍‌ଘାଟନ ଓ ଶିଳାନ୍ୟାସ କରିବେ ବୋଲି ଜଣାଇଛନ୍ତି । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଶକ୍ତି, ରାଜପଥ, ଗ୍ରାମୀଣ ଭିତ୍ତିଭୂମି, ରେଳ ଏବଂ ଅନ୍ୟାନ୍ୟ କ୍ଷେତ୍ର ରହିଛି । ଏର୍ଣ୍ଣାକୁଲମ୍‌ରେ ସେ ଏନ୍.ଡି.ଏ. ର୍ୟାଲିରେ ମଧ୍ୟ ଅପରାହ୍ଣରେ ଉଦ୍‌ବୋଧନ ଦେବାର କାର୍ଯ୍ୟସୂଚୀ ରହିଛି ।

ପ୍ରଧାନମନ୍ତ୍ରୀ କହିଛନ୍ତି, ତାମିଲନାଡୁର ତିରୁଚିରାପଲ୍ଲିଠାରେ ମଧ୍ୟ ପେଟ୍ରୋଲିୟମ୍, ପ୍ରାକୃତିକ ଗ୍ୟାସ୍, ସଡ଼କ ଏବଂ ରେଳ ସଂକ୍ରାନ୍ତ ବିଭିନ୍ନ ବିକାଶ ମୂଳକ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଯୋଗଦେବେ ।

## ହରଦୀପ ପୁରୀ

ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ହରଦୀପ ସିଂହ ପୁରୀ ଆଜି କହିଛନ୍ତି, ଭାରତରେ ଖାଉଟୀମାନଙ୍କ ବ୍ୟବାହର ପାଇଁ ଶକ୍ତିର ଅଭାବ ନାହିଁ । ଦେଶରେ ଶକ୍ତି ମହଜୁଦ ରହିଛି । ତେଣୁ ଏଥିନେଇ ଆତଙ୍କିତ ହେବାର କୌଣସି କାରଣ ନାହିଁ ବୋଲି ମନ୍ତ୍ରୀ ଶ୍ରୀ ପୁରୀ ସୁନିଶ୍ଚିତ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ବିଭିନ୍ନ ଉତ୍ସ ଏବଂ ପଥ ଦେଇ ଭାରତକୁ ଶକ୍ତି ଆମଦାନୀ ଜାରି ରହିଛି । ସେ କହିଛନ୍ତି, ଘରୋଇ ହିତାଧିକାରୀମାନଙ୍କ ନିମନ୍ତେ କେନ୍ଦ୍ର ସରକାର ସି.ଏନ୍.ଜି. ଏବଂ ପି.ଏନ୍.ଜି.ର ଶତପ୍ରତିଶତ ଯୋଗାଣକୁ ସୁନିଶ୍ଚିତ କରିବା ନିମନ୍ତେ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛନ୍ତି । ସେହିପରି ଅନ୍ୟାନ୍ୟ ଶିଳ୍ପଗୁଡ଼ିକ ଶକ୍ତି ଯୋଗାଣର ୭୦ରୁ ୮୦ ପ୍ରତିଶତ ପାଇପାରିବେ । ଦେଶର ଘରୋଇ ହିତାଧିକାରୀମାନଙ୍କୁ ନିରନ୍ତର ଏବଂ ସୁଲଭ ଦରରେ ଶକ୍ତି ଯୋଗାଣ ସୁନିଶ୍ଚିତ କରିବା ଲାଗି ସରକାର ପ୍ରତିଶ୍ରୁତିବଦ୍ଧ ଥିବା ସେ କହିଛନ୍ତି ।

## ଇଣ୍ଡିଆନ୍ ଅଏଲ୍-ଏଲ୍‌ପିଜି ସପ୍ଲାଏ

ଭାରତୀୟ ତୈଳ ନିଗମ, ହିନ୍ଦୁସ୍ଥାନ ପେଟ୍ରୋଲିୟମ୍ କର୍ପୋରେସନ୍ ଲିମିଟେଡ୍ ଏବଂ ଭାରତ ପେଟ୍ରୋଲିୟମ୍ ପକ୍ଷରୁ କୁହାଯାଇଛି, ଘରୋଇ ହିତାଧିକାରୀମାନଙ୍କ ନିମନ୍ତେ ଏଲ୍.ପି.ଜି. ଉତ୍ପାଦନ ଏବଂ ଏହାର ଉପଲବ୍ଧତା ବୃଦ୍ଧି କରିବା ଲାଗି ପଦକ୍ଷେପ ଗ୍ରହଣ କରାଯାଉଛି । ସେହିପରି ଅତ୍ୟାବଶ୍ୟକୀୟ ଅଣଘରୋଇ କ୍ଷେତ୍ର ଡାକ୍ତରଖାନା ଏବଂ ଶିକ୍ଷାନୁଷ୍ଠାନ ପାଇଁ ମଧ୍ୟ ବିହିତ ପଦକ୍ଷେପ ଗ୍ରହଣ କରାଯାଉଛି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ତୈଳ କମ୍ପାନୀ ପକ୍ଷରୁ କୁହାଯାଇଛି, ଅଣଘରୋଇ କ୍ଷେତ୍ରଗୁଡ଼ିକରୁ ଏ ନେଇ ହୋଇଥିବା ଅନୁରୋଧର ତୈଳ ବିପଣନ କମ୍ପାନୀଗୁଡ଼ିକର କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକଙ୍କ ଦ୍ୱାରା ଗଠିତ କମିଟି ଦ୍ୱାରା ସମୀକ୍ଷା କରାଯିବ । ଏହି କ୍ଷେତ୍ରରେ ରହିଥିବା ସମସ୍ତ ସମସ୍ୟା ଏବଂ ଆବଶ୍ୟକତା ସମ୍ପର୍କରେ କମିଟିକୁ ଇ-ମେଲ୍ ମାଧ୍ୟମରେ ଅବଗତ କରିବା ପାଇଁ କୁହାଯାଇଛି ।

## ସିଇସି-ୱେଷ୍ଟ ବେଙ୍ଗଲ

ଭୋଟରମାନଙ୍କ ପ୍ରତି କୌଣସି ଭୟ ପ୍ରଦର୍ଶନକୁ ଭାରତୀୟ ନିର୍ବାଚନ ଆୟୋଗ ପକ୍ଷରୁ ସହ୍ୟ କରାଯିବ ନାହିଁ ବୋଲି ମୁଖ୍ୟ ନିର୍ବାଚନ କମିଶନର ସ୍ପଷ୍ଟ କରିଛନ୍ତି । ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାର

କହିଛନ୍ତି, ପଶ୍ଚିମବଙ୍ଗରେ ଆଗାମୀ ବିଧାନସଭା ନିର୍ବାଚନରେ ସମସ୍ତ ଭୋଟର ଯେପରି ଭୋଟ ପ୍ରକ୍ରିୟାରେ ଭାଗ ନେଇପାରିବେ ତାହା ସୁନିଶ୍ଚିତ କରାଯିବ । ସେଠାରେ କୌଣସି ହିଂସାକାଣ୍ଡ ଏବଂ ଭୟ ପ୍ରଦର୍ଶନକୁ ସହ୍ୟ କରାଯିବ ନାହିଁ ।

ଦୁଇଦିନ ଧରି ସମସ୍ତ ଭୋଟର କେନ୍ଦ୍ର ପ୍ରସ୍ତୁତିର ସମୀକ୍ଷା ବୈଠକ ପରେ କୋଲକାତାଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ କୁମାର କହିଛନ୍ତି, ଭୋଟରମାନେ ଯେପରି ନିର୍ଭୟରେ ଭୋଟଦାନ କରିପାରିବେ ସେଥି ନିମନ୍ତେ କଡ଼ାକଡ଼ି ଭାବେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଆଇନ୍ ପ୍ରଣୟନକାରୀ ସଂସ୍ଥାଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି । ମୁଖ୍ୟ ନିର୍ବାଚନ କମିଶନର ଭୋଟରମାନଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଭୋଟଗ୍ରହଣ ପ୍ରକ୍ରିୟାରେ ସାମିଲ ହେବା ଲାଗି ନିବେଦନ କରିଛନ୍ତି । ଇତିମଧ୍ୟରେ ପଶ୍ଚିମବଙ୍ଗରେ ସ୍ୱତନ୍ତ୍ର ବ୍ୟାପକ ଭୋଟର ସଂଶୋଧନ ପ୍ରକ୍ରିୟା ଶେଷ ହୋଇଯିବ । ନିର୍ବାଚନ ସମୟରେ ଅର୍ଥ କାରବାର, ମଦ, ନିଶା କାରବାର ଉପରେ ତୀକ୍ଷ୍ଣ ଦୃଷ୍ଟି ରଖିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।

## ବ୍ୟାଡ୍‌ମିଣ୍ଟନ

ବାସେଲଠାରେ ସୁଇସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଆଜି ଆରମ୍ଭ ହୋଇଛି । ଭାରତର ବ୍ୟାଡ୍‌ମିଣ୍ଟନ ଖେଳାଳି କିଦାମ୍ବୀ ଶ୍ରୀକାନ୍ତ

ଏବଂ ଉନ୍ନତି ହୁଦା ଭାରତ ପକ୍ଷରୁ ଏହି ଟୁର୍ଣ୍ଣାମେଣ୍ଟରେ ନେତୃତ୍ୱ ନେବେ । ଦୁଇଥର ଅଲିମ୍ପିକ୍ ପଦକ ବିଜେତା ପି.ଭି. ସିନ୍ଧୁ ସୁଇସ୍ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଟୁର୍ଣ୍ଣାମେଣ୍ଟରେ ଏଥର ଭାଗ ନେଉନାହାନ୍ତି । ପୁରୁଷ ବ୍ୟାଡ୍‌ମିଣ୍ଟନ୍ ସିଙ୍ଗଲ୍ସ ପ୍ରତିଯୋଗିତାରେ କେ. ଶ୍ରୀକାନ୍ତ ଆସନ୍ତାକାଲି ହଂକଂର ଜାସନ୍ ଗୁନାୱାଁଙ୍କୁ ଭେଟିବେ । ସେହିପରି ପୁରୁଷ ଡବଲ୍ସରେ ବିଶ୍ୱର ଚତୁର୍ଥ ନମ୍ବର ଖେଳାଳି ସ୍ୱାତୀକ ସାଇରାଜ ରାଙ୍କି ରେଡ୍ଡୀ ଏବଂ ଚିରାଗ୍ ସେଟ୍ଟୀ ସିଙ୍ଗାପୁରର ଏଙ୍ଗ୍ କିଟ୍ ୱେସ୍‌ଲେ କୋଃ ଏବଂ ଜୁନୁସୁକେ କୁବୋଙ୍କୁ ଭେଟିବେ ।

ସେହିପରି ମହିଳା ସିଙ୍ଗଲ୍ସରେ ଉନ୍ନତି ହୁଦା' ଚାଇନିଜ୍ ତାଇପେଇର ଚିଉ ପିନ୍-ଚିଆନ୍‌ଙ୍କୁ ଭେଟିବେ ଏବଂ ମାଲବିକା ବଂଶୋଦ ଥାଇଲାଣ୍ଡର ପୋର୍ଣ୍ଣପାୱେଙ୍କୁ ଭେଟିବେ ।